ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

## ଓଡ଼ିଶା ଜ୍ଞାନପୁଞ୍ଜର ଦ୍ୱାବିଂଶତମ ବକ୍ତୃତା ମାଳା

## 'ଭାରତୀୟ କ୍ରୀଡ଼ା-ଏକ ଅନ୍ତର୍ଦୃଷ୍ଟି' ଉପରେ ବକ୍ତବ୍ୟ ରଖିଲେ ଅନୀଲ କୁମ୍ବଲେ

ଭୁବନେଶ୍ୱର, ତା ୦୪/୦୧/୨୦୨୦ରିଖ

ଆନ୍ତର୍ଜାତିକ ଖ୍ୟାତିସଂପନ୍ନ କ୍ରିକେଟିୟର ତଥା ପୂର୍ବତନ ଭାରତୀୟ କ୍ରିକେଟ ଦଳର ଅଧିନାୟକ ପଦ୍ମଶ୍ରୀ ଓ ଅର୍ଜୁନ ପୁରସ୍କାର ବିଜେତା ଅନୀଲ କୁମ୍ବଲେ ଆଜି ସ୍ଥାନୀୟ ଲୋକସେବା ଭବନଠାରେ ଓଡ଼ିଆ ନଲେଜ୍ ହବ୍ ଓଡ଼ିଶା ଜ୍ଞାନପୁଞ୍ଜ ବକ୍ତୃତାମାଳାର ଦ୍ୱାବିଂଶତମ ବକ୍ତୃତା ପ୍ରଦାନ କରିଛନ୍ତି । 'ଭାରତୀୟ କ୍ରୀଡ଼ା-ଏକ ଅନ୍ତର୍ଦୃଷ୍ଟି' ବିଷୟରେ ବକ୍ତବ୍ୟ ପ୍ରଦାନ କରି କହିଲେ ଯେ କ୍ରୀଡ଼ାକୁ ଏକ କ୍ୟାରିୟର ଭାବରେ ଗଢ଼ି ତୋଳିବା ପାଇଁ ବର୍ତ୍ତମାନ ପର୍ଯ୍ୟାପ୍ତ ସୁଯୋଗ ରହିଛି । କ୍ରିକେଟ୍ ବ୍ୟତୀତ ଆଥ୍ଲେଟିକ୍ସ, ଟେବୁଲ ଟେନିସ୍, ବାସ୍କେଟ୍ ବଲ୍, ବ୍ୟାଡ୍ମିଣ୍ଟନ, ଟେନିସ୍ ଓ ଅନ୍ୟାନ୍ୟ କ୍ରୀଡ଼ା କ୍ଷେତ୍ରରେ ବ୍ୟାପକ ସୁଯୋଗ ରହିଛି । ଏଥି ପାଇଁ ପ୍ରାଥମିକ ସ୍ତରରେ ୬-୧୫ ବର୍ଷର ଶିଶୁକିଶୋରମାନଙ୍କ ପ୍ରତିଭା ଚୟନ କରି ସେମାନଙ୍କୁ ଉପଯୁକ୍ତ ଟ୍ରେନିଂ ମାଧ୍ୟମରେ ବିକଶିତ କରିପାରିଲେ ସେମାନେ ବିଶ୍ୱରେ ଯଶ ଅର୍ଜନ କରିପାରିବେ । ଏଥି ନିମନ୍ତେ ବିଦ୍ୟାଳୟମାନଙ୍କରେ ପର୍ଯ୍ୟାପ୍ତ କ୍ରୀଡ଼ା ଭିତ୍ତିଭୂମିର ବିକାଶ କରିବାକୁ ହେବ ।

ସେ ଆହୁରି ମଧ୍ୟ କହିଲେ ଯେ ଓଡ଼ିଶା ଆନ୍ତର୍ଜାତୀୟ କ୍ରୀଡ଼ା ଆୟୋଜନ କ୍ଷେତ୍ରରେ ସୁନାମ ଅର୍ଜନ କରିଛି । ରାଜ୍ୟ ସରକାର ଭୁବନେଶ୍ୱରକୁ ଏକ କ୍ରୀଡ଼ା ରାଜଧାନୀ ଭାବେ ବିକଶିତ କରିଛନ୍ତି । ଏଠାରେ ବିଭିନ୍ନ ପ୍ରକାର କ୍ରୀଡ଼ା କ୍ଷେତ୍ରରେ ଅନେକ କ୍ରୀଡ଼ା ପ୍ରତିଭା ରହିଛନ୍ତି । ଉପଯୁକ୍ତ ଚୟନ ଓ ତାଲିମ ମାଧ୍ୟମରେ ସେମାନଙ୍କୁ ଅନ୍ତର୍ଜାତୀୟ କ୍ରୀଡ଼ାବିତ୍ କରାଯାଇପାରିବ ବୋଲି ସେ ପ୍ରକାଶ କରିଥିଲେ । ସଫଳ କ୍ରୀଡ଼ାବିତ୍ ହେବା ପାଇଁ ଶାରୀରିକ ସ୍ତରରେ ଯେତିକି ସକ୍ଷମ ହେବାକୁ ପଡ଼ିବ ତା'ଠାରୁ ମାନସିକ ସ୍ତରରେ ଅଧିକ ଦୃଢ଼ ହେବାକୁ ପଡ଼ିବ ବୋଲି ସେ କହିଥିଲେ ।

ପ୍ରାରମ୍ଭରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ସୁରେଶ ଚନ୍ଦ୍ର ମହାପାତ୍ର ଅନୀଲ କୁମ୍ବଲେଙ୍କ ପରିଚୟ ପ୍ରଦାନ କରି କହିଲେ ଯେ ଶ୍ରୀ କୁମ୍ବଲେ ଜଣେ ମେକାନିକାଲ୍ ଇଂଜିନିୟର ଭାବେ ଶିକ୍ଷାପ୍ରାପ୍ତ ହୋଇଥିଲେ ମଧ୍ୟ କ୍ରିକେଟ୍ ବ୍ୟତୀତ ସେ ଫଟୋଗ୍ରାଫିରେ ରୁଚି ରଖିବା ସହ ବନ୍ୟଜୀବନ ସଂରକ୍ଷଣ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଛନ୍ତି । ଏହି ଅବସରରେ ଅର୍ଥ ଓ ଅବକାରୀ ମନ୍ତ୍ରୀ ଶ୍ରୀ ନିରଞ୍ଜନ ପୂଜାରୀ ଶ୍ରୀ ଅନୀଲ କୁମ୍ବଲେଙ୍କୁ ଜ୍ଞାନପୁଞ୍ଜ ବକ୍ତୃତାମାଳା ସ୍ମାରକୀ ପ୍ରଦାନପୂର୍ବକ ସମ୍ବର୍ଦ୍ଧିତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଏହି ବକ୍ତୃତାମାଳାରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ, ପ୍ରମୁଖ ଶାସନ ସଚିବ ଓ କମିଶନର ତଥା ଶାସନ ସଚିବମାନେ ଯୋଗଦେଇଥିଲେ । ଏହାକୁ ଭିଡ଼ିଓ କନ୍ଫରେନ୍ସିଂ ମାଧ୍ୟମରେ ଜିଲ୍ଲାମାନଙ୍କୁ ସଂଯୋଗ କରାଯାଇଥିଲା । ବକ୍ତବ୍ୟ ପ୍ରଦାନ ପରେ ଶ୍ରୀ କୁମ୍ବଲେ ଏ ସମ୍ବନ୍ଧୀୟ ବିଭିନ୍ନ ପ୍ରଶ୍ନର ଉତ୍ତର ରଖିଥିଲେ ।

ବିଶ୍ୱଜିତ୍ ଦାଶ
ସୂଚନା ଅଧିକାରୀ